# ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ, ୧୧ ଗିରଫ





ବନ୍ଦ ପାଳନ ବେଳେ ନବନିର୍ମାଣ କୃଷକ ସଂଗଠନ ସଦସ୍ୟମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ପୋଲିସ ଗାଡ଼ିଗୁଡ଼ିକୁ ଛାଡ଼ିବା ପାଇଁ ଚେଷ୍ଟା କରୁଛି।

**ଢେଙ୍କାନାଳ, ଓଡ଼ପଡ଼ା, ୨୮।୧ (ରତନ ନାୟାର/ରଞ୍ଜିତ ନାୟକ)**

ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡିଶା ବନ୍ଦ ଢେଙ୍କାନାଳରେ ପାଳିତ ହୋଇଥିଲା। ଢେଙ୍କାନାଳ ଜିଲା ସଦର ଥାନା ପଞ୍ଚୁପଟିସ୍ଥିତ ୫୫ନଂ ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା । ବନ୍ଦ ପାଳନ ସମୟରେ ୧୧ଜଣଙ୍କୁ ପୋଲିସ ଗିରଫ କରିଥିଲା । ନବନିର୍ମାଣ କୃଷକ ସଂଗଠନ ସହିତ ଜିଲା କଂଗ୍ରେସ ଏହି ବନ୍ଦ ପାଳନରେ ସାମିଲ ହୋଇଥିଲା । ମଣ୍ଡି ଖୋଲିବାରେ ଅବ୍ୟବସ୍ଥା, ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପକାଇ ଚାଷୀମାନେ ରାତିସାରା ବସି ରହିଛନ୍ତି। ଅଧାରୁ ଅଧିକ ଟୋକନ ଆସିନାହିଁ । ଟୋକନରେ ୪୦କୁଇଣ୍ଟାଲ ଜାଗାରେ ୧୦ କୁଇଣ୍ଟାଲ କିମ୍ବା ୨୦ କୁଇଣ୍ଟାଲ ଆସୁଛି । ଏଫ୍ଏକ୍ୟୁ ନାମରେ ୧୦ କେଜି ପର୍ଯ୍ୟନ୍ତ କଟନୀ ଛଟନୀ ହେଉଛି । ୧୫୦ରୁ କୁଇଣ୍ଟାଲରୁ ଅଧିକ ଧାନ ପାଇଁ ଇନପୁଟ ସହାୟତା ୮୦୦ଟଙ୍କା ଦିଆଯିବ ନାହିଁ ବୋଲି ଯୋଗାଣ ମନ୍ତ୍ରୀ କହିଥିଲେ ବୋଲି ନବନିର୍ମାଣ କୃଷକ ସଂଗଠନ ଓ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି । ସେହିପରି ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କ ଠାରୁ ହଜାର ହଜାର ଟଙ୍କା ଜରିମନା ଆଦାୟ ହୋଇଥିବା ବେଳେ କମ୍ପାନୀମାନଙ୍କର ଦ୍ୱାରା ଭୟଙ୍କର ପ୍ରଦୂଷଣ ବଢିବାରେ ଲାଗିଛି । ୪୨ଟି କମ୍ପାନୀ ଉପରେ ୩୭୯୭ କୋଟି ଟଙ୍କା ଜଳକର ବାକି ଅଛି । ଖଣି ଉତ୍ତୋଳନ ଖିଲାପ କରିଥିବା କମ୍ପାନୀମାନଙ୍କ ଉପରେ ୫ବର୍ଷରେ ୪୧.୫୬୮ କୋଟି ୧୨ଲକ୍ଷ ୬୨ହଜାର ୪୭୪ଟଙ୍କା ଆଦାୟ ହୋଇପାରୁନି । ଆନ୍ଧ୍ର, ତେଲେଙ୍ଗାନା, ତାମିଲନାଡୁ ଆଦି ରାଜ୍ୟରେ ଚାଷୀମାନେ ମାଗଣା ବିଦ୍ୟୁତ ପାଉଥିବା ବେଳେ ଓଡିଶାରେ ଚାଷୀମାନଙ୍କୁ ମାଗଣା ବିଦ୍ୟୁତ ପ୍ରଦାନ କରାଯାଉନାହିଁ। ଚାଷୀମାନେ ଆନ୍ଦୋଳନ କଲେ ସେମାନଙ୍କୁ ଗୁଣ୍ଡା ଓ ପୋଲିସ ଲଗାଇ ମାଡ଼ ମରାଯାଉଛି । ଏସବୁ ପ୍ରତିବାଦରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡିଶା ବନ୍ଦ କରାଯାଉଛି ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ କହିଥିଲେ ।

ପୋଲିସ ନବନିର୍ମାଣ କୃଷକ ସଂଗଠନର ଜିଲା ପ୍ରଭାରୀ ଅଶ୍ୱିନୀ କୁମାରଙ୍କ ସହ ଜିଲା ସଭାପତି ପ୍ରହଲାଦ ସାହୁ, ସମ୍ପାଦକ ସୁଧାକର ପରିଡା, ଜିଲା ସଂଯୋଜକ ଚନ୍ଦ୍ରଶେଖର ବରାଳଙ୍କ ସମେତ ଜିଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ, ସାଧାରଣ ସମ୍ପାଦକ ନୁରୁଲ ଇସଲାମ, ଜିଲା କଂଗ୍ରେସ କୃଷକ ମୋର୍ଚ୍ଚା ସଭାପତି ବିପ୍ରବର ସାହୁ, ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦୁଷ୍ମନ୍ତ ଗଡନାୟକ, ପ୍ରଫୁଲ ମହାନ୍ତି, ବାସନ୍ତୀ ସାହୁ, ଅନିତା ବରାଳ ଓ ବିଷ୍ଣୁ ରଥ ପ୍ରମୁଖଙ୍କ ପୋଲିସ ଗିରଫ କରିଥିଲା। ଢେଙ୍କାନାଳ ସହରରେ ବନ୍ଦ ସମୟରେ ସରକାରୀ କାର୍ଯ୍ୟାଳୟଗୁଡିକ ଖୋଲାଥିବା ଦେଖାଯାଇଥିବା ବେଳେ ସବୁଠି ଆଇନଶୃଙ୍ଖଳାକୁ ନଜରରେ ରଖି ପୋଲିସ ମୁତୟନ କରାଯାଇଥିଲା । ସହରରେ ଯାନବାହାନ ଚଳାଚଳ ସ୍ୱାଭାବିକ ଥିଲା ।

## କଳିଙ୍ଗ ଜୁଟ୍ ପ୍ରଡକ୍ଟସ ଲେବର ୟୁନିୟନର ନୂତନ କର୍ମକର୍ତ୍ତା

### ଦିନେଶ ସଭାପତି, ବିଷ୍ଣୁ ସମ୍ପାଦକ

**ଢେଙ୍କାନାଳ,୨୮।୧(ରତନ ନାୟାର)**

ଢେଙ୍କାନାଳ କଳିଙ୍ଗ ଜୁଟ୍ ପ୍ରଡକ୍ଟସ ଲେବଲ ୟୁନିୟନର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ୨୦୨୬–୨୭ବର୍ଷ ପାଇଁ ବିଶିଷ୍ଟ ଶ୍ରମିକ ନେତା ଦିନେଶ କୁମାର ପ୍ରଧାନ ସଭାପତି ଭାବେ ଓ ବିଷ୍ଣୁ ବେହେରା ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । କାର୍ଯ୍ୟକାରୀ ସଭାପତି ଭାବେ ଦୟାନିଧି ଦାସ, ଉପସଭାପତି ପ୍ରଶାନ୍ତ ମହାନ୍ତି, ଯୁଗ୍ମ ସମ୍ପାଦକ ନରେନ୍ଦ୍ର ବେହେରା, ସଂଗଠନ ସମ୍ପାଦକ ଜଗନ୍ନାଥ ବରାଳ, କୋଷାଧକ୍ଷ ସୁଶିଲ କୁମାର ରାଉତ, ସମୀକ୍ଷକ ଅର୍ଜୁନ ବିଶ୍ୱାଳ, କାର୍ଯ୍ୟକାରୀ ସଭ୍ୟ ଭାବେ ସାଧୁ ଦାସ, ବାବୁଲା ମହାନ୍ତି, ବିଶ୍ୱଜିତ ପରିଡା, ନଗେନ୍ଦ୍ର ସ୍ୱାଇଁ, ଶ୍ରୀନିବାସ ପରିଡା, ନଗେନ୍ଦ୍ର ବରାଳ, ଆର୍ତ୍ତବନ୍ଧୁ ପରିଡା, ଦୁଷ୍ମନ୍ତ ବିଶୋଇ, ଦିଲୀପ ସାହୁ, ସୁରେଶ ସାହୁ, ପ୍ରଦ୍ୟୁମ୍ନ ସ୍ୱାଇଁ, ଅଜୟ ସ୍ୱାଇଁ, ଅଖିଳ ପ୍ରଧାନ, କୃପାସିନ୍ଧୁ ବେହେରା, ରାଧାନାଥ ନାୟକ, ରବି ନାରାୟଣ ମିଶ୍ର, ସୁଦର୍ଶନ ସାହୁ, କୁମୁଦ ସ୍ୱାଇଁ, ଜୟକୃଷ୍ଣ ନାୟକ, ଉମାକାନ୍ତ ନାୟକ ଓ ଭଗବାନ ବିଶ୍ୱାଳ ନିର୍ବାଚିତ ହୋଇଥିଲେ। ସେହିପରି ଶ୍ରମିକ ସୁରକ୍ଷାକାରୀ କର୍ମକର୍ତ୍ତାଙ୍କ ମଧ୍ୟରେ ଦୟାନିଧି ଦାସ, ବିଷ୍ଣୁ ବେହେରା, ପ୍ରଶାନ୍ତ ମହାନ୍ତି, ସୁଶିଲ କୁମାର ରାଉତ, ନରେନ୍ଦ୍ର ବେହେରା, ଜଗନ୍ନାଥ ବରାଳ ଓ ଅର୍ଜୁନ ବିଶ୍ୱାଳ ମନୋନୀତ ହୋଇଥିଲେ ବୋଲି ସୂଚନା ଦିଆଯାଇଛି।

## ସିମିନଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଢେଙ୍କାନାଳ,୨୮।୧(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ସିମିନଇ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୩ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ପ୍ରତିଭା ଗ୍ରୁପ ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ରାଉତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହିତ ଉଦଘାଟନ କରି କହିଲେ ଯେ, ଜୀବନରେ ନିଜର ଲକ୍ଷ୍ୟକୁ ହାସଲ କରିବାକୁ ନିଷ୍ଠାର ସହିତ ଉଦ୍ୟମ କରିବାକୁ ପଡିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରବଚକ ପଣ୍ଡିତ ପ୍ରତାପ କୁମାର ନନ୍ଦ ଯୋଗଦେଇ ସାମ୍ପ୍ରତିକ ସମୟରେ ଭକ୍ତିଭାବ, ସମ୍ମାନବୋଧ, ଗୁରୁ ଗୁରୁଜନଙ୍କ ପ୍ରତି ଶ୍ରଦ୍ଧାଭାବ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରିଲାଏନ୍ସର କାର୍ଯ୍ୟକ୍ରମ ପରିଚାଳକ ରମଣୀ ରଞ୍ଜନ ସେଠୀ, ଜିଲାପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ଭାଜପା ସଭାନେତ୍ରୀ ଇତିଶ୍ରୀ ସାହୁ, ବିଧାୟିକାଙ୍କ ପ୍ରତିନିଧି ସହଦେବ ପୃଷ୍ଟି, ସାମାଜିକ କର୍ମୀ ସନ୍ତୋଷ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟକ୍ଷ ଅଶୋକ କୁମାର ମହାରଣା ବାର୍ଷିକ ବିବରଣୀ ପାଠ ଓ ଅଧ୍ୟାପକ ସୁବାସ ଚନ୍ଦ୍ର ଷଣ୍ଢ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଜୟଲକ୍ଷ୍ମୀ ସାହୁ, ଗାୟତ୍ରୀବାଳା ନାୟକ, ଉତ୍କଳିକା ପ୍ରିୟଦର୍ଶନୀ, ଯଶୋବନ୍ତ ମେହେର ଓ ସ୍ୱର୍ଣ୍ଣମୟୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଯୁକ୍ତ ୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ରାଜଶ୍ରୀ ତୁଙ୍ଗ ଏବଂ ବନଜ୍ୟୋତ୍ସ୍ନା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ବିଷ୍ଣୁପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଷ୍ଣୁପ୍ରସାଦ ରଥ ସଂଯୋଜନା କରିଥିଲେ।

## ବାଲ୍ୟ ବିବାହମୁକ୍ତ ସଚେତନତା ରାଲି




**କାମାକ୍ଷାନଗର, ୨୮।୧ (ସୁଧୀର ପରିଡ଼ା)**

ଭାରତବର୍ଷକୁ ବାଲ୍ୟ ବିବାହମୁକ୍ତ କରିବା ଉଦ୍ଦେଶ୍ୟରେ କାମାକ୍ଷାନଗର ତାଲୁକ ଆଇନ ସେବା କମିଟି ପକ୍ଷରୁ ଏକ ସଚେତନତା ରାଲି ଆୟୋଜିତ ହୋଇଯାଇଛି । କମିଟି ଅଧ୍ୟକ୍ଷା ଇତିଶ୍ରୀ ମାଳବିକା ଭୂୟାଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହେବା ସହ ସାଇକେଲ ରାଲି ସହର ପରିକ୍ରମା କରି ସଚେତନ କରାଇଥିଲେ । ସବ୍‌ଜଜ ମାମି ବେହେରା, ଏସିଡିଜେଏମ ନିଲୋଫର, କାମାକ୍ଷାନଗର ଥାନା ଅଧିକାରିଣୀ ଚାରୁଲତା ବେହେରା, ତୁମୁସିଙ୍ଗା ଥାନା ଅଧିକାରିଣୀ ମନସ୍ୱିନୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ଆଇନସମ୍ମତ କ୍ରଶର ଚାଲିବା ପାଇଁ ଅନୁମତି ମାଗିଲା ସରପଞ୍ଚ ସଂଘ

**ଢେଙ୍କାନାଳ,୨୮।୧(ରତନ ନାୟାର)**

ଢେଙ୍କାନାଳ ଜିଲାରେ ଓଡ଼ାପଡ଼ା ବ୍ଲକ ଗୋପାଳପୁର ଖଣିରେ ଦୁର୍ଘଟଣାରେ ଦୁଇଜଣ ଶ୍ରମିକଙ୍କର ମୃତ୍ୟୁ ପରେ ପ୍ରଶାସନ ପକ୍ଷରୁ ଜିଲାରେ ପ୍ରାୟ ସମସ୍ତ ଖଣି, କ୍ରଶରକୁ ସିଲ କରାଯାଇଥିଲା । ଏହା ମଧ୍ୟରେ ଆଇନସମ୍ମତ କ୍ରସରଗୁଡିକ ମଧ୍ୟ ସିଲ ହୋଇଥିଲା । ଦୀର୍ଘଦିନ ଧରି ଆଇନସମ୍ମତ କ୍ରଶରଗୁଡିକ ସିଲ ହେବା ଫଳରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ଆସୁଥିବା ଚିପ୍ସର ଦର ଅହେତୁକ ବୃଦ୍ଧି ପାଇଛି । ଆଇନସମ୍ମତ କ୍ରସରଗୁଡିକୁ ଚାଲିବା ପାଇଁ ଗତ ୧୯ ତାରିଖରେ ଓଡ଼ାପଡ଼ା ସରପଞ୍ଚ ସଂଘ ପକ୍ଷରୁ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଭାବେ ନିବେଦନ କରାଯାଇଛି। ଜଣାପଡିଛି ଯେ, ବେଆଇନ ଖଣି ଓ କ୍ରସର ସହିତ ଆଇନସମ୍ମତ କ୍ରଶରଗୁଡିକୁ ସିଲ କରାଯାଇଥିବାରୁ ଜିଲାରେ ବିଭିନ୍ନ ସରକାରୀ, ବେସରକାରୀ ନିର୍ମାଣ କାର୍ଯ୍ୟ ଗୁଡିକ ଚିପ୍ସ ଓ ଅନ୍ୟ ମ୍ୟାଟେରିଆଲ ଅଭାବରୁ ଠପ୍ ହୋଇପଡିଛି । ଜିଲାରେ ଓଡାପଡା ଓ ହିନ୍ଦୋଳ ତହସିଲ ଅଞ୍ଚଳରେ ବ୍ୟାପକ ଆଇନସମ୍ମତ କ୍ରଶର ରହିଛି । ଚିପ୍ସ ନ ଆସିବା ଯୋଗୁ ବିଭିନ୍ନ ବ୍ଲକରେ ଆବାସ ଯୋଜନା ପାଇଁ ଘର ନିର୍ମାଣ ଠପ୍ ହୋଇପଡିଥିବା ବେଳେ ଏହା ମାଧ୍ୟମରେ ଜୀବନ ଜୀବିକାକୁ ମାଧ୍ୟମ କରିଥିବା ଶ୍ରମିକମାନେ ହାତବାନ୍ଧି ବସିଛନ୍ତି । ପୂର୍ବରୁ ପରିବହନ ଖର୍ଚ୍ଚ ସହ ଚିପ୍ସ ଫୁଟ ୪୦ଟଙ୍କା ଦର ରହିଥିବା ବେଳେ ବର୍ତ୍ତମାନ ଏହା ୮୦ଟଙ୍କାରେ ପହଞ୍ଚିଲାଣି। ବେଆଇନ ଖଣି ଓ କ୍ରଶର ଚଳାଉଥିବା ବ୍ୟକ୍ତି ବିଶେଷଙ୍କ ପ୍ରତି ପ୍ରଶାସନ ପକ୍ଷରୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ ହେଉଥିବା ବେଳେ ଆଇନସମ୍ମତ କ୍ରସର ଗୁଡିକୁ କେଉଁ ସ୍ୱାର୍ଥରେ ବନ୍ଦ କରାଯାଇଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହା ଫଳରେ ପରିବହନ ବ୍ୟବସାୟୀ, ଶ୍ରମିକ ଏବଂ ଜୀବନ ଜୀବିକା କରୁଥିବା କର୍ମଚାରୀମାନେ କାମ ନ ଥିବାରୁ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ଏ ସଂକ୍ରାନ୍ତରେ ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ କୁହନ୍ତି, ଏ ବିଷୟରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




**ଢେଙ୍କାନାଳ,୨୮।୧(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ କୋଇଲିପଙ୍ଗିସ୍ଥିତ ଦେବେନ୍ଦ୍ର ଶତପଥୀ ମେମୋରିଆଲ ଡିଗ୍ରୀ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦଯାପିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ଗଗନ ବିହାରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ସଂଯୋଜିକା ରାଜନୀତି ବିଜ୍ଞାନ ଅଧ୍ୟାପିକା ପ୍ରୀତି ମଞ୍ଜରୀ ସାହୁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରି ଆତ୍ମରକ୍ଷା କୌଶଳର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ସମାଜ ବିଜ୍ଞାନ ଅଧ୍ୟାପକ ଦେବାଶିଷ ରାଉତରାଏ ତାଲିମ କାର୍ଯ୍ୟକ୍ରମର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପ୍ରଶିକ୍ଷିକା ଭାବେ ସସ୍ମିତା ମହାରଣା ତାଲିମ ପ୍ରଦାନ କରିଥିବା ବେଳେ ଏଥିରେ ୫୪ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କଲେଜର ମୁଖ୍ୟ କିରାଣି ମୀନକେତନ କରଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ପରିଚାଳନାରେ ସହଯୋଗ କରିଥିଲେ। ଓଡିଆ ବିଭାଗ ଅଧ୍ୟାପକ ଅନିଲ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଖବରଦାତା ସଂଘର ବାର୍ଷିକ ସାଧାରଣ ବୈଠକ



**ପରଜଙ୍ଗ, ୨୮।୧ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ କାର୍ଯ୍ୟରତ ଖବରଦାତା ସଂଘର ବାର୍ଷିକ ସାଧାରଣ ବୈଠକ ସମେତ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ପ୍ରଥମେ ବାର୍ଷିକ ବୈଠକ ସହ ସମସ୍ତ କାର୍ଯ୍ୟରତ ଖବରଦାତାଙ୍କ ସର୍ବସମ୍ମତି କ୍ରମେ ସଭାପତି ଭାବେ ବରିଷ୍ଠ ଖବରଦାତା ବିନୟ କୁମାର ଦାସ, ସାଧାରଣ ସମ୍ପାଦକ ଭାବେ ଅମରେନ୍ଦ୍ର ଦାସ ଓ ଶେଷଦେବ ରାଉତଙ୍କୁ କୋଷାଧକ୍ଷ ଭାବରେ ଚୟନ କରାଯାଇଥିଲା। ବୈଠକରେ କାର୍ଯ୍ୟରତ ଖବରଦାତା ନିଗମାନନ୍ଦ ଦଳବେହେରା, ଶାନ୍ତନୁ କୁମାର ଭୁକ୍ତା, ରୂପକ ରଞ୍ଜନ ସାହୁ, ସୁଜିତ କୁମାର ଦଳବେହେରା, ପ୍ରଶାନ୍ତ କୁମାର ସାହୁ, ଚିରଞ୍ଜିବୀ ଜେନା, ଭୀମସେନ ଖଟୁଆ, ଗୋପବନ୍ଧୁ ଜେନା, ସୁବ୍ରତ କୁମାର ବିଶ୍ୱାଳ ଓ ଶଙ୍କର୍ଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ହିନ୍ଦୁ ଓ ହିନ୍ଦୁ ସମାଜ ଏକତ୍ର ରହିବାକୁ ଆହ୍ୱାନ

**ଢେଙ୍କାନାଳ,୨୮।୧(ରତନ ନାୟାର):** ଢେଙ୍କାନାଳ ସହର କୁଞ୍ଜକାନ୍ତ ଉତ୍ତର ମଧୁବନସ୍ଥିତ ଶିବମନ୍ଦିରଠାରେ ହିନ୍ଦୁ ସମ୍ମିଳନୀ ଓ ପଞ୍ଚ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଇଂ. ବାବୁଚାନ୍ଦ ମହାଲିକ ଓ ଶକ୍ତି ପ୍ରସାଦ ନନ୍ଦଙ୍କ ମାର୍ଗଦର୍ଶନରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବିଭାଗ ସଂଯୋଜକ ପ୍ରଶାନ୍ତ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଡ.ସୁସନ୍ଧ୍ୟା ମହାନ୍ତି ଯୋଗଦେଇ ହିନ୍ଦୁ, ହିନ୍ଦୁ ସମାଜ ଓ ସଂସ୍କୃତି ଉପରେ ବାରମ୍ବାର ଷଡ଼ଯନ୍ତ୍ରପୂର୍ଣ୍ଣ ଆକ୍ରମଣ ହେଉଥିବାରୁ ସମସ୍ତ ହିନ୍ଦୁଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଢେଙ୍କାନାଳ ଜିଲା ସଭାପତି ଡ. ଦୁର୍ଗାମାଧବ ପୃଷ୍ଟି ଯୋଗଦେଇଥିଲେ। ବ୍ୟବସ୍ଥା ପ୍ରମୁଖ ଡ଼ା.ଜଗଦାନନ୍ଦ ତ୍ରିପାଠୀ ଯୋଗଦେଇ, ହିନ୍ଦୁତ୍ୱର ଜାଗରଣ ହିଁ ରାଷ୍ଟ୍ରନିର୍ମାଣର ମୂଳ ଆଧାର ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ର, ତ୍ରିନାଥ ପଲେଇ, ସମ୍ପାଦିକା ଅନିତା ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। କାଉନସିଲର୍ ଅଭିମନ୍ୟୁ ପଣ୍ଡା, ସହସଂଯୋଜିକା ମନସ୍ୱିନୀ ମିଶ୍ର, ସବିତା ସିଂ, ସସ୍ମିତା ସାମଲ, ସତୀଶ ମୌସମ୍ ମିଶ୍ର, ଜ୍ୟୋତ୍ସ୍ନାରାଣୀ ଓ ପ୍ରଭାସ ମିଶ୍ର, ଉପସଭାପତି ସସ୍ମିତା ସାମଲ ଓ ଗୋପୀନାଥ ସାହୁ, ସହସମ୍ପାଦକ ସରୋଜ ପଣ୍ଡା ଓ ଶ୍ରୀକାନ୍ତ ଜେନାମଣି, କୋଷାଧକ୍ଷ ମୋହନ କୁମାର ପୃଷ୍ଟି, ଅନସୂୟା ମିଶ୍ର, ପ୍ରଦୀପ୍ତ ମିଶ୍ର, ଆଶୁତୋଷ ପଟ୍ଟନାୟକ, ସୁଜିତ ପଟ୍ଟନାୟକ, ଜିତେନ୍ଦ୍ର ପଟ୍ଟନାୟକ, ସମୀର ପରିଡ଼ା, କାଉନସିଲର୍ ବଳରାମ ସେଠୀ ଓ ଦୀପ୍ତିରଞ୍ଜନ ସେଠୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ସଂଯୋଜକ ଅରୁଣ କୁମାର ବଳିୟାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।



## ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ

**ଭୁବନ, ୨୮।୧ (ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ କୋର୍ଟର ତାଲୁକ ଆଇନ ସେବା ସଂଗଠନ ସହଯୋଗରେ ସୋମବାର ବାଲ୍ୟ ବିବାହମୁକ୍ତ ସଚେତନତା ଅଭିଯାନ ଅବସରରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାଧାରଣତନ୍ତ୍ର ଦିବସ ଅବସରରେ ଭୁବନ କୋର୍ଟ ପରିସରରୁ କାଳିଜାର, ପେଟ୍ରୋଲ ପମ୍ପ ଛକ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ଯାଇଥିଲା। ଭୁବନ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ ସେବା ସଙ୍ଗଠନର ସଭାପତି ଶିବାଶିଷ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସମସ୍ତ ଆଇନଜୀବୀ, କୋର୍ଟ କର୍ମଚାରୀ ଓ ପିଏଲଭି କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ପରେ ଏକ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା।

## ଜେଏମ୍‌ପି ପବ୍ଲିକ ସ୍କୁଲ୍‌ର ଦଶମ ବାର୍ଷିକ ଉତ୍ସବ




**କାମାକ୍ଷାନଗର, ୨୮।୧ (ସୁଧୀର କୁମାର ପରିଡା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଜେଏମ୍‌ପି ପବ୍ଲିକ ସ୍କୁଲର ଦଶମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଆନୁଷ୍ଠାନିକ ଭାବେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦଶବର୍ଷ ପୂର୍ବେ କାମାକ୍ଷାନଗର ଭଳି ଏକ ଛୋଟିଆ ସହରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଜେଏମ୍‌ପି ସ୍କୁଲର ଭୂମିକା ରହିଥିବା ବେଳେ

### ପଟ ପୋହିଲା ଗଡ଼ଜାତ ଆନ୍ଦୋଳନ ନାଟକ

ଏହାର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାଣୀବିଜ୍ଞାନ ବିଭାଗର ଅଧ୍ୟାପିକା ଲିପସା ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ଢେଙ୍କାନାଳର ଗଡ଼ଜାତ ଆନ୍ଦୋଳନକୁ ନେଇ ଅନୁଷ୍ଠିତ ନାଟକ 'ଉଠକଙ୍କାଳ'କୁ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅନ୍ୟ ଅତିଥି ଭାବେ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଜିଲା ଭାଜପା ସଭାପତି ରାସବିହାରୀ ବେହେରା, କାମାକ୍ଷାନଗର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅରବିନ୍ଦ କାନ୍ତ ରାୟ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଦିନେଶ ସେନାପତି ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ସମ୍ପାଦକ ଚିରଞ୍ଜୀବ ମଲ୍ଲିକ, କୋଷାଧ୍ୟକ୍ଷ ମଙ୍ଗତଲାଲ କଟରୁକା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲୋକସମ୍ପର୍କ ଅଧିକାରୀ ଜନତା ଓ ସରକାରଙ୍କ ମଧ୍ୟରେ ସେତୁ

### ଆଇଆଇଏମ୍‌ସିରେ ଓଆଇଏସ୍ ତାଲିମ ଶୁଭାରମ୍ଭ



**ଢେଙ୍କାନାଳ,୨୮।୧(ରତନ ନାୟାର):** ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ପରିସରରେ ଓଡ଼ିଶା ଇନ୍‌ଫରମେଶନ ସର୍ଭିସ (ଗ୍ରୁପ–ବି) ଜରିଆରେ ନବନିଯୁକ୍ତ ସବ୍‌ଡିଭିଜନାଲ ଇନଫରମେଶନ ଆଣ୍ଡ ପବ୍ଲିକ ରିଲେଶନ ଅଫିସର (ଏସଡିଆଇପିଆରଓ)ଙ୍କ ନିମନ୍ତେ ତାଲିମ୍ ଓ ମାଗଦର୍ଶନ କାର୍ଯ୍ୟକ୍ରମ ବୁଧବାର ଶୁଭାରମ୍ଭ କରାଯାଇଛି । ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଆଇଏମସିର କୁଳପତି ଡ. ପ୍ରଜ୍ଞା ପାଲିୱାଲ ଗୌର ଆଭାସୀ ମାଧ୍ୟମରେ ସମ୍ବୋଧନ କରିଥିଲେ। ଲୋକ ସମ୍ପର୍କ ଅଧିକାରୀମାନେ ହେଉଛନ୍ତି ଜନତା ଓ ସରକାରଙ୍କ ମଧ୍ୟରେ ସେତୁ। ଏଣୁ ଲୋକ, ଗଣମାଧ୍ୟମ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା କ୍ଷେତ୍ରରେ ଲୋକ ସମ୍ପର୍କ ଅଧିକାରୀଙ୍କ ପ୍ରମୁଖ ଭୂମିକା ରହିଥିବା କହିଥିଲେ। ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ପ୍ରଧାନ ସ୍ୱାଗତ ଅଭିଭାଷଣ ରଖିବା ସହ ପ୍ରଶିକ୍ଷାର୍ଥୀ ପଦାଧିକାରୀଙ୍କୁ ମାର୍ଗଦର୍ଶନ କରିଥିଲେ । ବିଭିନ୍ନ ବିଭାଗ ତଥା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ସରକାରଙ୍କ ବିଭିନ୍ନ ନୀତି ଓ ଯୋଜନାକୁ ଜନତାଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଷୟ ବିଶେଷଜ୍ଞଙ୍କ ଦ୍ୱାରା ଆଇଆଇଏମ୍‌ସି ପକ୍ଷରୁ ଅଧିକରୁ ଅଧିକ ବ୍ୟବହାରଗତ ଜ୍ଞାନ ଉପରେ ତାଲିମ୍ ଦିଆଯିବାକୁ ଥିବା ସେ ସୂଚନା ଦେଇଥିଲେ। ପ୍ରତିଷ୍ଠାନର ପ୍ରଫେସର ମୃଣାଳ ଚାଟାର୍ଜୀ ନିରପେକ୍ଷ ଭାବେ ସୂଚନାର ପ୍ରସାର ନିମନ୍ତେ ପରାମର୍ଶ ଦେଇଥିଲେ। ବିଭିନ୍ନ ସମୟରେ ସରକାର ଓ ପ୍ରଶାସନିକ ଅଧିକାରୀଙ୍କ ବଦଳି ହେଉଥିବା ବେଳେ ଜନତାଙ୍କ ସ୍ୱାର୍ଥକୁ ସରକାରଙ୍କ ପାଖରେ ପହଞ୍ଚାଇବା ଭଳି ବଡ଼ ଆହ୍ୱାନଙ୍କୁ ଗ୍ରହଣ କରିବା ଶ୍ରେୟସ୍କର ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଅଧିକାରୀମାନେ ନିଜ ନିଜର ପରିଚୟ ଓ ଅନୁଭୂତି ପ୍ରଦାନ କରିଥିଲେ। ପରେ ପ୍ରଶ୍ନୋତ୍ତର ଓ ତାଲିମ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟାପିକା ଡ. ଚିରସ୍ରୋତା ଜେନା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ଆଭା ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ବିରଞ୍ଚି ନାରାୟଣ ସେଠ ଧନ୍ୟବାଦ ଦେଇଥିବା ବେଳେ ହରେକୃଷ୍ଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ୨୮ ଜାନୁଆରୀରୁ ୬ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ ।

# ଅନୁଗୋଳ ବଜାର ବନ୍ଦ, ଗାଡ଼ି ଚଳାଚଳ ଠପ୍




ଅନୁଗୋଳ ସହରରେ କଂଗ୍ରେସ କର୍ମୀମାନେ ବାଇକ୍ ଶୋଭାଯାତ୍ରା କରୁଛନ୍ତି। ଅନୁଗୋଳ ବସ୍‌ଷ୍ଟାଣ୍ଡ ଯାତ୍ରୀଶୂନ୍ୟ।

ଅନୁଗୋଳ,୨୮।୧(ଜ୍ୟୋତିରଞ୍ଜନ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/ ବଣ୍ଢରପାଳ (ସୁବାସ ସାହୁ)/ ପାଲଲହଡ଼ା (ଦିବ୍ୟଜ୍ୟୋତି ଦାଶ)/ ଛେଣ୍ଡିପଦା (ଅଜିତ ଧଳ)/ ବନ୍ତଲା (ସୁଶିତ ସାହୁ)

ମଣ୍ଡିରେ ଧାନ ବିକ୍ରିରେ ବିଭିନ୍ନ ଅବ୍ୟବସ୍ଥା, ପ୍ରଦୂଷଣ ପ୍ରମାଣପତ୍ର ଆଳରେ ଗାଡ଼ିମାଲିକଙ୍କ ପାଖରୁ ମୋଟା ଅଙ୍କର ଟଙ୍କା ଆଦାୟ ଏବଂ ସ୍ମାର୍ଟ ମିଟର ବସାଇବା ପ୍ରତିବାଦରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟିଆ ଏହି ବନ୍ଦକୁ ରାଜ୍ୟ କଂଗ୍ରେସ, ବାମ ଦଳ ଏବଂ ବିଭିନ୍ନ ସାମାଜିକ ସଙ୍ଗଠନ ସମର୍ଥନ ଜଣାଇଥିଲେ। ଏହି ବନ୍ଦର ଆଂଶିକ ପ୍ରଭାବ ଅନୁଗୋଳ ଜିଲାରେ ଦେଖିବାକୁ ମିଳିଥିଲା। ଅନୁଗୋଳ ସହରରେ ଦୋକାନବଜାର ବନ୍ଦ ରହିଥିଲା। ବସ୍ ଚଳାଚଳ ଠପ ହୋଇଯାଇଥିଲା। କିଛି ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟ ଖୋଲାଥିଲେ ମଧ୍ୟ ପରେ କଂଗ୍ରେସ କର୍ମୀମାନେ ସେଠାରେ ପହଞ୍ଚି ବନ୍ଦ ପାଳନ କରିବାକୁ ଅନୁରୋଧ କରିବାରୁ ଅନେକ ସ୍ଥାନରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସହରର ହୁଲୁରସିଂହା ଛକ ଓ ପିଟିସି ଛକ ସହ ମୁଖ୍ୟ ସଡ଼କକୁ ଅବରୋଧ କରାଯାଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ପୋଲିସ ପକ୍ଷରୁ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକ ଓ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଅତିରିକ୍ତ ପୋଲିସ ମୁତୟନ କରାଯାଇଥିଲା। ବନ୍ଦ ସମୟରେ କୌଣସି ଅପ୍ରୀତିକର ଘଟଣା ଘଟି ନ ଥିବା ସୂଚନା ମିଳିଛି। ଆଠମଲ୍ଲିକରେ ସରକାରୀ ଓ ବେସରକାରୀ ବସ୍ ଚଳାଚଳ ବନ୍ଦ ଥିବାବେଳେ ଦୋକାନ ବଜାର ଆଂଶିକ ବନ୍ଦ ରହିଥିଲା। ନଗର କଂଗ୍ରେସ ସଭାପତି କମଳାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଆଇନଜୀବୀ ତଥା ଯୁବ କଂଗ୍ରେସ ନେତା ଅଜିତ କୁମାର ମହାନ୍ତି, ଅନିଲ ପାଣିଗ୍ରାହୀ, ରାମାନନ୍ଦ ପାଣିଗ୍ରାହୀ, ସରୋଜ ମହାକୁଡ଼ଙ୍କ ସମେତ ଦଳୀୟ ସମର୍ଥକ ଏକତ୍ର ହୋଇ ପିକେଟିଂ କରିଥିଲେ। ସେହିପରି ବଣ୍ଢରପାଳ ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିଥିବାବେଳେ ନାଲ୍‌କୋ ଅଞ୍ଚଳରେ ଦୋକାନସବୁ ଖୋଲା ରହିଥିଲା। ସଙ୍ଗଠନ କର୍ମକର୍ତ୍ତା ବିଜୟ କୁମାର ନାୟକଙ୍କ ସହ ପୂର୍ବତନ ବ୍ଲକ ସଭାପତି ବିନୋଦ କୁମାର ମାଝୀ, ବସନ୍ତ ବେଉରା, ଉଚ୍ଛବ ସାମଲ, ଜଗନ୍ନାଥ ବେହେରା, ଆନନ୍ଦ ମହାପାତ୍ର, ଅମୂଲ୍ୟ ଦାସ, କବିରାଜ ପାଣିଗ୍ରାହୀ, ରାକେଶ ମିଶ୍ର, ଧୂଳିଆ ନାଏକ ପ୍ରମୁଖ ବନ୍ଦ ପାଳନରେ ସାମିଲ ଥିଲେ। ସେହିପରି ପାଲଲହଡ଼ା ସଦର ମହକୁମାରେ ଏହି ବନ୍ଦ ଡାକରା ସମ୍ପୂର୍ଣ୍ଣ ପ୍ରଭାବଶୂନ୍ୟ ଥିଲା। କୌଣସି ଚାଷୀ ସଙ୍ଗଠନ କିମ୍ବା କଂଗ୍ରେସ କର୍ମକର୍ତ୍ତା ସାମିଲ ହେଇ ନ ଥିଲେ। ଘରୋଇ ବସ ବନ୍ଦ ଥିବାବେଳେ ସରକାରୀ ବସ ଚାଲୁଥିଲା। ଦୋକାନ ବଜାର ଖୋଲା ରହିଥିଲା। ଛେଣ୍ଡିପଦାରେ ଏହି ବନ୍ଦ ପାଳନର କିଛିଟା ପ୍ରଭାବ ଦେଖିବାକୁ ମିଳିଥିଲା। କଂଗ୍ରେସ ନେତା ନରୋତ୍ତମ ନାୟକ, ଉଦୟନାଥ ବେହେରା, ଜିତେନ ପ୍ରଧାନ, ଜଙ୍ଗଲି ସାହୁ, ଯୁବ ସଭାପତି ଦିପେନ କୁମାର ସାହୁ, ଏସୟୁସିଆଇର ରଣଜିତ ପ୍ରଧାନଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ପିକେଟିଂ କରିଦୋକାନ ବଜାର ଆଦି ବନ୍ଦ କରାଇଥିଲେ। ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ସମେତ ଛେଣ୍ଡିପଦା ଓ ବାଗଡିଆରେ ଦୋକାନ ବଜାର, ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଚାଲିଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଯାତାୟାତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବନ୍ତଲା ଅଞ୍ଚଳରେ ବନ୍ଦର ପ୍ରଭାବ ପଡ଼ି ନ ଥିଲା। ଗାଡ଼ି ଚଳାଚଳ ସହ ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଖୋଲା ରହିଥିଲା।

## ପୂର୍ତ୍ତ ବିଭାଗ ଜମିରେ ବଙ୍ଗଳା ନିର୍ମାଣ ଦାବି

ବଇଣ୍ଠା,୨୮।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଠାଠାରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିର୍ମାଣ ହୋଇପାରୁ ନାହିଁ। ରାଜପଥ ସମ୍ପ୍ରସାରଣ ପାଇଁ ୨୦୧୮ ମସିହାରୁ ଏହି ବଙ୍ଗଳା ଭଙ୍ଗାଯାଇଥିବାବେଳେ ରାଜସ୍ୱ ବିଭାଗ ଓ ପ୍ରଶାସନର ଅବହେଳା ଯୋଗୁ ନିର୍ମାଣରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗ ଜମିରେ ଉକ୍ତ ବଙ୍ଗଳା ନିର୍ମାଣ ପାଇଁ ବହୁବାର ଦାବି ହୋଇଆସୁଥିବା ବେଳେ ଉକ୍ତ ବଙ୍ଗଳାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପ୍ରଶାସନ ଯୋଜନା କରୁଥିବା ବଇଣ୍ଠା ଅଞ୍ଚଳବାସୀ ଅଭିଯୋଗ କରିବା ସହ ଏହାକୁ ବିରୋଧ କରିଛନ୍ତି। ବୁଧବାର ଏ ନେଇ ବଇଣ୍ଠା ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ନୁନୁକାପଶି ମୌଜାରେ ଥିବା ସରକାରୀ ଜମି ଖାତା ନମ୍ବର ୧୩୫ରୁ ପ୍ଲଟ ନମ୍ବର ୯୭୬ ରୁ ୮୯ ଡିସିମିଲ, ୯୯୫ରୁ ୧୪ ଡିସିମିଲ, ୯୯୭ ରୁ ୧୭ ଡିସିମିଲ, ୯୯୮ ରୁ ୧୭ ଡିସିମିଲ, ୧୦୨୦ ରୁ ୪୮ ଡିସିମିଲକୁ ମିଶାଇ ମୋଟ ୨ ଏକର ୨୭ ଡିସିମିଲ ଜମିକୁ ୧୨ ମାର୍ଚ୍ଚ ୨୦୨୧ରେ ତତ୍କାଳୀନ ତହସିଲଦାର ପୂର୍ତ୍ତ ବିଭାଗକୁ ପ୍ରଦାନ କରିଥିଲେ। ଏ ନେଇ ପୂର୍ତ୍ତ ବିଭାଗକୁ ଉକ୍ତ ଜମିର ପଟ୍ଟା ଯୋଗାଇ ଦିଆଯାଇଥିବା ବେଳେ ବର୍ତ୍ତମାନ ଉକ୍ତ ଜମିରେ ବଙ୍ଗଳା ନିର୍ମାଣ କରିବା ପାଇଁସମସ୍ୟା ଦେଖାଦେଇଛି। ପୂର୍ତ୍ତ ବିଭାଗ ବଙ୍ଗଳା ପାଇଁ ଅର୍ଥ ମଞ୍ଜୁର ହେବା ସହ ଏହି ବଙ୍ଗଳା ନିର୍ମାଣ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୂମିପୂଜା କରିଥିଲେ ମଧ୍ୟ ଏଠାରେ ବଙ୍ଗଳା ନିର୍ମାଣ ନ କରାଯିବା ପାଇଁ ଯୋଜନା କରାଯାଉଥିବା ଅଭିଯୋଗ ହେଉଛି। ତୁରନ୍ତ ଉକ୍ତ ବଙ୍ଗଳା ପୂର୍ତ୍ତ ବିଭାଗ ଜମିରେ ନିର୍ମାଣ କରିବା ପାଇଁ ସରପଞ୍ଚ ଦୀପ୍ତିମୟୀ ସାହୁ, ସାମାଜିକ କର୍ମୀ ରଣଜିତ ପଟ୍ଟନାୟକ, ବିଶ୍ୱଜିତ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଜଳଧର ସାହୁ, ପ୍ରମୋଦ କୁମାର ପ୍ରଧାନ, ଅଶୋକ ସାହୁ, ସଞ୍ଜୟ କୁମାର ସାହୁ, ପ୍ରଦୀପ କୁମାର ସାହୁ, ହରମୋହନ ପ୍ରଧାନ, ବିଶ୍ୱଜିତ ବେହେରା, ରାଜେନ୍ଦ୍ର ରାଉତ, ପ୍ରଶାନ୍ତ ମହାପାତ୍ରଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ପଞ୍ଚଦିବସୀୟ ଶିକ୍ଷକ ତାଲିମ ଶିବିର



ପଞ୍ଚ ଦିବସୀୟ ଶିକ୍ଷକ ତାଲିମ ଶିବିରରେ ଅତିଥିମାନେ।

ଅନୁଗୋଳ,୨୮।୧ (ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟଠାରେ ଅନୁଗୋଳ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ତରଫରୁ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ଓଡ଼ିଶା ପାଠ୍ୟକ୍ରମ ରୂପରେଖ -୨୦୨୫ ସହ ନୂତନ ପାଠ୍ୟ ପୁସ୍ତକ ସଞ୍ଚାଳନ ନିମନ୍ତେ ଏକ ପଞ୍ଚ ଦିବସୀୟ ଶିକ୍ଷକ ତାଲିମ ଶିବିର ମଙ୍ଗଳବାରଠାରେ ଆରମ୍ଭ ହୋଇଛି। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଏହି ଶିବିର ପରିଦର୍ଶନ ସହ ନୂତନ ପାଠ୍ୟକ୍ରମ ଉପରେ ବାର୍ତ୍ତା ପ୍ରଦାନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ ଓ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସଂସାର ଭୋଇ, ପ୍ରଦ୍ୟୁମ୍ନ କୁମାର ମିଶ୍ର ଉପସ୍ଥିତ ରହି ପ୍ରାଥମିକ ଶିକ୍ଷାର ଗୁରୁତ୍ୱକୁ ବୁଝାଇଥିଲେ। ଆସନ୍ତା ଶିକ୍ଷାବର୍ଷ ଠାରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ନୂତନ ପାଠ୍ୟପୁସ୍ତକ ପଢ଼ାଯିବ। ପ୍ରଦୀପ ପରିଡ଼ା, ପ୍ରକାଶ ଚନ୍ଦ୍ର ଦେହୁରୀ ଓ ବିଜୟ କୁମାର ବେହେରା ପ୍ରଶିକ୍ଷକ ଭାବେ ଯୋଗଦେଇଥିବା ବେଳେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଏହି ଶିବିର ୫ ଦିନ ବ୍ୟାପୀ ଚାଲୁରହିବ।

## ନାବାଳିକାଙ୍କ ବିବାହ ରୋକିଲା ପ୍ରଶାସନ

ପାଲଲହଡ଼ା,୨୮।୧ (ଦିବ୍ୟଜ୍ୟୋତି ଦାଶ)

ଝିଅକୁ ୧୮ ବର୍ଷ ପୂରିନି। ହେଲେ ନାବାଳିକା ଝିଅର ବିବାହ ବ୍ୟବସ୍ଥା କରିଥିଲେ ପରିବାର ଲୋକେ। ବୁଧବାର ବାହାଘର ଥିବାରୁ ସମସ୍ତ ପ୍ରସ୍ତୁତି ଶେଷ ହେଇଥିଲା। ନିମନ୍ତ୍ରିତ ଅତିଥିମାନଙ୍କୁ ଭୋଜି ଦେବାର ବନ୍ଦୋବସ୍ତ ସରିଥିଲା। କେବଳ ବାକି ଥିଲା ବର ପହଞ୍ଚିବା। ଏହାପୂର୍ବରୁ ଖବର ପହଞ୍ଚିଯାଇଥିଲା ଅନୁଗୋଳ ଜିଲା ପ୍ରଶାସନ ନିକଟରେ। ଏପରି ବାଲ୍ୟବିବାହ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଆସିବା ପରେ ତତ୍ପରତା ଦେଖାଇଲା ପାଲଲହଡ଼ା ପ୍ରଶାସନ। ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କ ବିବାହ ରୋକିଥିଲେ।

ସୂଚନା ଅନୁଯାୟୀ, ପାଲଲହଡ଼ା ବ୍ଲକ କରଡ଼ାପାଳ ପଞ୍ଚାୟତର ଜଣେ ନାବାଳିକାଙ୍କ ବିବାହ ପାଇଁ ଆୟୋଜନ ଚାଲିଥିଲା। ଜିଲା ପ୍ରଶାସନ ଠାରୁ ଖବର ପାଇବା ପରେ ପାଲଲହଡ଼ା ସିଡିପିଓ ବିଜୟଲକ୍ଷ୍ମୀ ମହାନ୍ତଙ୍କ ନିର୍ଦ୍ଦେଶ କ୍ରମେ ପାଲଲହଡ଼ା ଅଙ୍ଗନୱାଡି କାର୍ଯ୍ୟାଳୟର ସୁପରଭାଇଜର ସୌଦାମିନୀ ଦେହୁରୀ, ସେକ୍ଟର ସୁପରଭାଇଜର ସୁଫଳା ନାଏକ ଏବଂ କର୍ମୀ ସସ୍ମିତା ପରିଡ଼ା ପାଲଲହଡ଼ା ପୋଲିସ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଝିଅକୁ ୧୮ ବର୍ଷ ପୂରି ନ ଥିବାରୁ ବାହାଘର ଆଇନ ବିରୁଦ୍ଧ। ଏପରି କରାଗଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ସହ ବିବାହ ବନ୍ଦ କରିବାକୁ ପ୍ରଶାସନିକ ଅଧିକାରୀମାନେ ଉକ୍ତ ପରିବାରକୁ ବୁଝାଶୁଝା କରିଥିଲେ। ଏଥିରେ କନ୍ୟା ପିତା ରାଜି ହେବା ସହ ପଞ୍ଚାୟତ ନିର୍ବାହୀ ଅଧିକାରୀ ତଥା ବିଶ୍ୱ ଯୁବକେନ୍ଦ୍ର ପ୍ରକଳ୍ପ ସହାୟକ ଅଜୟ କୁମାର ସେଠୀ ଏବଂ ପୂର୍ଣ୍ଣଚନ୍ଦ୍ର କିଷାନଙ୍କ ଉପସ୍ଥିତିରେ ଚୁକ୍ତି କରିଥିଲେ। ଝିଅକୁ ୧୮ ବର୍ଷ ଡେଇଁଲା ପରେ ବାହାଘର କରାଇବେ ବୋଲି କନ୍ୟାପିତା ପ୍ରଶାସନକୁ ଜଣାଇଥିଲେ।

## ସାକ୍ଷରତା କାର୍ଯ୍ୟକ୍ରମର ପ୍ରମାଣପତ୍ର ପ୍ରଦାନ



ଉଦ୍‌ଯାପନୀ ଏବଂ ପ୍ରମାଣପତ୍ର ବିତରଣ ସମାରୋହରେ ଅତିଥିମାନେ।

ଅନୁଗୋଳ,୨୮।୧(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ବାଜି ରାଉତ ଛାତ୍ରାବାସଠାରେ ୬ ମାସିଆ ସାକ୍ଷରତା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଏବଂ ପ୍ରମାଣପତ୍ର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁମ୍ବାଇସ୍ଥିତ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପାଣ୍ଠି ପ୍ରଦାନ କରାଯାଇଥିବା ବେଳେ ନୂଆଦିଲ୍ଲୀର ଇଣ୍ଡିଆନ ଆଡଲ୍ଟ ଏଜୁକେଶନ ଆସୋସିଏସନ (ଆଇଏଇଏ) ସହାୟତାରେ ଏହା ମଡେଲ ପ୍ରୋଜେକ୍ଟ ଭାବେ ତାମିଲନାଡୁ, କେରଳ ଏବଂ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରୀ ହୋଇଛି। ନୂଆଦିଲ୍ଲୀର ଆଇଏଇଏ ସଭାପତି ପ୍ରଫେସର ଏଲ. ରାଜା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବାଜି ରାଉତ ଛାତ୍ରାବାସ ସଭାପତି ଅନ୍ତର୍ଯାମୀ ବରାଳ ଏବଂ ଓଡ଼ିଶା ରାଜ୍ୟ ଗାନ୍ଧୀ ସ୍ମାରକ ନିଧିର ଅଧ୍ୟକ୍ଷା କ୍ରିଷ୍ଣା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ତାମିଲନାଡୁରୁ ଡ. କଳ୍ପନା ରାଜା ଏବଂ ସାମାଜିକ କର୍ମୀ ଲିପିକା ମହାପାତ୍ର, ସୁଜାତା ପ୍ରୀତିନନ୍ଦା ଉପସ୍ଥିତ ଥିଲେ। ଏହି ୬ ମାସିଆ ପାଠ୍ୟକ୍ରମ ମଧ୍ୟରେ ମୋବାଇଲ ଶିକ୍ଷା ମାଧ୍ୟମରେ ହାସଲ କରିଥିବା ଦକ୍ଷତା, ଗୀତ ଏବଂ ନୃତ୍ୟ ସେମାନେ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ସୂର୍ଯ୍ୟନାରାୟଣ ନାଥଙ୍କ ସେବା ମନୋଭାବକୁ ପ୍ରଫେସର ଏଲ. ରାଜା ପ୍ରଶଂସା କରିଥିଲେ। ଅନେକ ଶିକ୍ଷାର୍ଥୀ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ (ଏନଆଇଓଏସ) ମାଧ୍ୟମରେ ଉଚ୍ଚଶିକ୍ଷା ଜାରି ରଖିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଚନ୍ଦନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' କନକଦୁର୍ଗାଙ୍କ ବାର୍ଷିକ ଉତ୍ସବ



ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

ବନ୍ତଲା,୨୮।୧(ସୁଶିତ ସାହୁ)

ଅନୁଗୋଳ ଜିଲା ଶଙ୍ଖପୁର ମଦନମୋହନ ଛକସ୍ଥିତ ମା' କନକଦୁର୍ଗାଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମଙ୍ଗଳବାର ସକାଳେ କଳସ ଶୋଭାଯାତ୍ରା ପରେ କଳସ ପ୍ରତିଷ୍ଠା, ସୂର୍ଯ୍ୟ ପୂଜା, ଅଧିବାସ, ମହାସ୍ନାନ କାର୍ଯ୍ୟ ଆରମ୍ଭ ହୋଇଥିଲ। ବୁଧବାର ପଣ୍ଡିତଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗାଁ ସଭାପତି ନରେଶ ଚନ୍ଦ୍ର ଦେହୁରୀ, ବୁଲୁଚନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, ଦେବଦତ୍ତ ଦେହୁରୀ, ନାରାୟଣ ସାହୁ, ପ୍ରଶାନ୍ତ ସାହୁ, ଅଭୟ ସାହୁ, ଚଗଲା ସ୍ୱାଇଁ, ଦୁର୍ଗା ଚରଣ ଦେହୁରୀ,ସଦାନନ୍ଦ ଦେହୁରୀ, ଶରତ ଚନ୍ଦ୍ର ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରରେ ସାଧାରଣତନ୍ତ୍ର ଦିବସ

ବଣ୍ଢରପାଳ,୨୮।୧(ସୁବାସ ସାହୁ)

ଅନୁଗୋଳ ଜିଲା ବଣ୍ଢରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସତ୍ୟବାନ ବରାହ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସମ୍ପାଦକ ଅଖିଳ କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ ସୁମନ୍ତ କୁମାର ସାମଲ ଓ କୋଷାଧ୍ୟକ୍ଷ ଅକ୍ଷୟ କୁମାର ସେନାପତି, ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଉପସ୍ଥିତ ଥିଲେ। ସେହିପରି ବଣ୍ଢରପାଳ ବ୍ଲକ ଅନ୍ତର୍ଗତ ସମସ୍ତ ଶିକ୍ଷା ଅନୁଷ୍ଠାନ, ବ୍ଲକ, ତହସିଲ, ଚିକିତ୍ସାଳୟ ଓ ବଣ୍ଢରପାଳ ଥାନାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି।

## ଭାଜପାରେ ସାମିଲ ହେଲେ ବିଜେଡି ନେତା, କର୍ମୀ



ନୂତନ ଭାବେ ଯୋଗଦେଇଥିବା କର୍ମୀମାନଙ୍କୁ ଅନୁଗୋଳ ବିଧାୟକ ଦଳକୁ ସ୍ୱାଗତ କରୁଛନ୍ତି।

ବଣ୍ଢରପାଳ,୨୮।୧(ସୁବାସ ସାହୁ)

ଅନୁଗୋଳ ଭାଜପା ଶାଖାର ମିଶ୍ରପଡ଼ାସ୍ଥିତ କାର୍ଯ୍ୟାଳୟଠାରେ ବୁଧବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ କେତେଜଣ ବିଜେଡି ନେତା ଭାଜପାରେ ଯୋଗଦାନ କରିଛନ୍ତି। ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବଣ୍ଢରପାଳ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଅନସୂୟା ଗଡ଼ନାୟକ, ଛାତ୍ର ଜନତା ଦଳର ଜିଲା ସମ୍ପାଦକ ପ୍ରତାପ ରାଉତ, ବିଜେଡି ସମର୍ଥିତ ୱାର୍ଡମେମ୍ବର ମନୋଜ କୁମାର ସାହୁ, କୀର୍ତ୍ତନ ଗୋଛାୟତ, କମଳିନୀ ନାଏକ, ବିଜେଡି ନେତା ଶ୍ୟାମଘନ ନାଏକ, ପ୍ରଶାନ୍ତ ନାଏକ, ଯୋଗେଶ୍ୱର ନାଏକ, ପ୍ରଶାନ୍ତ ରାଉତ, ସୁବ୍ରତ ସାହୁ, ଶିବାନନ୍ଦ ଦାସ, ବିଶ୍ୱନାଥ ନାଏକ, କାଳିଆ ସାହୁ, ମନୋଜ ସାହୁ, ରକି ବେହେରା, ପ୍ରକାଶ ରାଉତ, ଅନୁପମା ରାଉତ, ରଞ୍ଜିତା ବେହେରା, ବିକାଶ ଗୋଛାୟତ, ଶୁଭଙ୍କର ଗୋଛାୟତ ଓ ସୁଶୀଲ ଗୋଛାୟତ ପ୍ରମୁଖ ବୁଧବାର ଭାଜପାରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେମାନେ ଭାଜପାକୁ ଆସିଥିବା କହିଛନ୍ତି। ଭାଜପା ନେତା ଦିଲୀପ ରାଉତ, ଭାଜପା ବଣ୍ଢରପାଳ ମଣ୍ଡଳ ସଭାପତି ସୁବ୍ରତ ସାହୁ, ବଣ୍ଢରପାଳ ପଞ୍ଚାୟତ ଭାଜପା ସଭାପତି ଅନାମ ସାହୁ, ଭାଜପା ନେତା କୁମର ନାଏକ, ବୀରେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ମହିମା ସ୍ୱାମୀଙ୍କ ବାଲ୍ୟଲୀଳା ମହୋତ୍ସବ

ବନ୍ତଲା,୨୮।୧(ସୁଶିତ ସାହୁ)

ଅନୁଗୋଳ ବ୍ଲକ ଇଙ୍କରବନ୍ଧ ପଞ୍ଚାୟତ ସାନକଞ୍ଜିନୀ ଗାଁ ଆମ୍ବତୋଟା ପରିସରରେ ଅଲେଖ ମହିମା ସ୍ୱାମୀଙ୍କ ବାଲ୍ୟଲୀଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅଧିବାସ ପରେ ଅଖଣ୍ଡଜ୍ୟୋତି ଗ୍ରାମ ପରିକ୍ରମା କରାଯାଇଥିଲା। ବୁଧବାର ବାବା କରୁଣାକର ଦାସ ଓ ଦୁର୍ଗାପ୍ରସାଦ ଦାସଙ୍କ ଦ୍ୱାରା ବତୀ ପ୍ରଜ୍ୱଳନ ସହ ଘୃତ ଯଜ୍ଞ କରାଯାଇଥିଲା। ଢେଙ୍କାନାଳ ନାଠୁଆ, ହିନ୍ଦୋଳ, ଖଳିବେରେଣୀ ଅଞ୍ଚଳର ମହିମା ଧର୍ମାବଲମ୍ବୀଙ୍କ ସଂକୀର୍ତ୍ତନ ମଣ୍ଡଳୀ ଓ ବନ୍ଧା ଗାଁ ସମେତ ଆଖପାଖ ଅଞ୍ଚଳର ୮ ଦଳ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଏଥିରେ ପ୍ରାୟ ୩ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସଭାପତି ପବିତ୍ର ସାହୁ, ସମ୍ପାଦକ ବସନ୍ତ ବେହେରାଙ୍କ ସହ ଚୈତନ୍ୟ ସାହୁ, ବ୍ରଜବନ୍ଧୁ ସାହୁ, ବୁଦ୍ଧିଆ ବେହେରା, ଚନ୍ଦ୍ରମଣି ସାହୁ, ଅକ୍ଷୟ ପ୍ରଧାନ, ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ୬୫୦ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ



ଅତିଥିମାନେ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରୁଛନ୍ତି।

ସନ୍ତ୍ରିଛକ,୨୮।୧(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଣ୍ଢରପାଳ ବ୍ଲକ ବଉଳିଗଡ଼ ପଞ୍ଚାୟତରେ ସାଧାରଣତନ୍ତ୍ର ଦିବସ ଅବସରରେ ୬୫୦ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକଙ୍କ ସ୍ତ୍ରୀ ସରିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ସରପଞ୍ଚ ଅମରେନ୍ଦ୍ର ଗଡ଼ନାୟକ, ନାଏବ ସରପଞ୍ଚ ସସ୍ମିତା ଭୋଇ, ସମିତି ସଭ୍ୟ ପ୍ରତାପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଙ୍କ କରକମଳରେ ସରପଞ୍ଚଙ୍କ ନୂତନ ଗୃହ ପ୍ରବେଶ ଉତ୍ସବ ପାଳନ କରାଯାଇଥିଲା।

## ଗ୍ରାମାଞ୍ଚଳ ଫୁଟ୍‌ବଲ୍ ଲିଗ୍ ଉଦ୍‌ଘାଟିତ

ଅନୁଗୋଳ,୨୮।୧ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ପିଟିସି ଖେଳପଡ଼ିଆରେ ଅନୁଗୋଳ ଜିଲା ଫୁଟ୍‌ବଲ୍ ଲିଗ୍ ବୁଧବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ମ୍ୟାଚ ଆଠମଲ୍ଲିକ ଓ ଏନ୍‌ଟିପିସି ମଧ୍ୟରେ ଖେଳାଯାଇଥିଲା। ଏଥିରେ ଆଠମଲ୍ଲିକ ୨-୦ ଗୋଲରେ ବିଜୟୀ ହୋଇଥିଲା। ଶ୍ରୀମୁଖ ଗଡ଼ନାୟକ ଖେଳ ପରିଚାଳନା କରିଥିଲେ। ଦ୍ୱିତୀୟ ମ୍ୟାଚ ଚାନ୍ଦ କ୍ଲବ ଅନୁଗୋଳ ଓ ନାଲ୍‌କୋ ମଧ୍ୟରେ ଖେଳାଯାଇଥିଲା। ଏହି ଖେଳ ଅମିମାଂସିତ ଭାବେ ଶେଷ ହୋଇଥିଲା। ଭେଟେରାନ ଖେଳାଳି ରମେଶ ଚନ୍ଦ୍ର ସାହୁ ଓ ରୁଚିର କୁମାର ଦାସ ଅତିଥି ରୂପେ ଯୋଗ ଦାନ କରିଥିଲେ। ଅନୁଗୋଳ ଫୁଟବଲର୍ସ ଆସୋସିଏଶନ ସଭାପତି ପବନ କୁମାର ସାହୁ, ସମ୍ପାଦକ ଶୁଭ୍ରାଂଶୁ ଶେଖର ସାହୁ ଏବଂ ମ୍ୟାଚ କମିଶନର ଭାବେ ବସନ୍ତ କୁମାର ଦାସ ଯୋଗଦେଇଥିଲେ।

## ପଞ୍ଚଧାର ସାହିତ୍ୟ ସଂସଦର ସାରସ୍ୱତ ଆସର



କାର୍ଯ୍ୟକ୍ରମରେ ସାହିତ୍ୟ ସଂସଦ କର୍ମକର୍ତ୍ତାମାନେ।

ଆଠମଲ୍ଲିକ,୨୮।୧(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକର ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପଞ୍ଚଧାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ସାଧାରଣତନ୍ତ୍ର ଦିବସ ଅବସରରେ ସଂସଦ ସଭାପତି ଶିକ୍ଷାବିତ୍ ବିବେକାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସୂଚନା କେନ୍ଦ୍ରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ମଲ୍ଲିକ ମୁଖ୍ୟ ଅତିଥି, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ତହସିଲଦାର ପାର୍ଥ ସାରଥୀ ବିଶ୍ୱାଳ ଓ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଦୀପେଶ କୁମାର ବାରିକ ଯୋଗଦେଇଥିଲେ। ସମ୍ପାଦକ ଆଭାସ କୁମାର କ୍ଷେତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଳ୍ପନା ମହାନ୍ତି, ଯୋଗ ପ୍ରଶିକ୍ଷକ ମେଘନାଦ ସାହୁ, ଅଧ୍ୟାପକ ଡ. ହୃଷୀକେଶ ମହାଖୁଡ, ଶିକ୍ଷକ ଅମରଜିତ ପଣ୍ଡା, ସଂଗ୍ରାମ ମିଶ୍ର, ସର୍ବେଶ୍ୱର ଘିଓ୍ୱାଲା, ବିଭୂତି ଭୂଷଣ ରଥ, ଭୁବନ ମୋହନ ତ୍ରିପାଠୀ, ସର୍ବେଶ୍ୱର ବେହେରା, କଳିଙ୍ଗ ବେହେରାମାଳି, ପରମେଶ୍ୱର ପାତ୍ର, ବାବୁଲି ଦେହୁରୀଆ, ଶ୍ରୀଧର ମହାନ୍ତି ଓ ମାନସ କର୍ଣ୍ଣ ଉପସ୍ଥିତ ଥିଲେ। ଆଠମଲ୍ଲିକର ଦଣ୍ଡନାଟ କଳାକାର ଖେତ୍ରୁ ସାହୁ, ଗୁରୁ ଶ୍ରୀଧର ମହାନ୍ତି ଓ ଯୁବ ତବଲା ବାଦକ ମାନସ କର୍ଣ୍ଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦଶିବ ଦଳବେହେରା, ଚିତ୍ରଶିଳ୍ପୀ ଟୁକୁନୁ ବେହେରା, ଶିଳ୍ପୀ ରଣଜିତ ରଣା ସହଯୋଗ କରିଥିଲେ। ଉଦୀପ୍ତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

ସନ୍ତ୍ରିଛକ,୨୮।୧(ସନ୍ତୋଷ ପରିଡ଼ା)

ବଣ୍ଢରପାଳ ବ୍ଲକର ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷା ଅନୁଷ୍ଠାନ ଓ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମହୀଧରପୁର ପଞ୍ଚାୟତର ପିଏମ୍‌ଶ୍ରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନ ଶିକ୍ଷକ ଲକ୍ଷ୍ମଣ କୁମାର ବେହେରା ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସେହିପରି ତଳମୂଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ନୃସିଂହ ଚରଣ ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ମହୀଧରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସନ୍ତ୍ରୀ ନେହୁରୁ ଉଚ୍ଚ ବିଦ୍ୟାଳୟ, ବୁଢ଼ାପଙ୍କ ଉଚ୍ଚ ବିଦ୍ୟାଳୟ, ନୂଆହତା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପତାକା ଉତ୍ତୋଳନ କରାଯାଇଥିଲା।

## ଆମ ପୋଲିସ ସମିତି ବୈଠକ

ବଣ୍ଢରପାଳ,୨୮।୧(ସନ୍ତୋଷ ପରିଡ଼ା)

ବଣ୍ଢରପାଳ ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହେଇଯାଇଛି। ଅତିରିକ୍ତ ଥାନା ଅଧିକାରୀ ତଅପୋଇ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆମ ପୋଲିସ ସମିତି ସଦସ୍ୟ ଉପସ୍ଥିତ ଥିଲେ। ଅଞ୍ଚଳରେ ଚାଲିଥିବା ନିଶା କାରବାର, ଡକାୟତି ସହିତ ଟ୍ରାଫିକ ସମସ୍ୟା ଉପରେ ଗୁରୁତ୍ୱଦେବାକୁ ସଦସ୍ୟମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ



ମଧ୍ୟରେ ଏସ୍‌ଆଇ ମନୋଜ କୁମାର ମିଶ୍ର ଓ ଅନ୍ୟ ପୋଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଗୋତମରା ସରପଞ୍ଚ ମଣ୍ଟୁ ବରାହ, ବିକାଶ ସାହୁ, ଦିଲୀପ ସାମଲ, ଅନିଲ କୁମାର ସାହୁ, ବିଷ୍ଣୁଚରଣ ନାଏକ, ସନ୍ତୋଷ କୁମାର ନାୟକ, ଗୋକୁଳାନନ୍ଦ ଲେଙ୍କା, କୁମର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

